# NATIONAL NEWS BULLETIN (ODIA)

## 27th May - 2026

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ଦେଶବ୍ୟାପୀ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସୁବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ସାର୍ଥକ-ପି.ଡି.ଏସ୍. ଯୋଜନାକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରି ।

— ୨୫ ହଜାର ୫୩୦ କୋଟି ଟଙ୍କା ଖର୍ଚ୍ଚ କରିବେ କେନ୍ଦ୍ର ସରକାର ।

- ଦେଶ ନିର୍ମାଣ ତଥା ସମାଜର ଦୁର୍ବଳ ବର୍ଗର ଉତ୍‌ଥାନ ଦିଗରେ ନୂତନ ଚିନ୍ତାଧାରା ସହିତ କାର୍ଯ୍ୟ କରିବା ଲାଗି ଛାତ୍ରଛାତ୍ରୀମାନଙ୍କୁ ରାଷ୍ଟ୍ରପତିଙ୍କ ଆହ୍ୱାନ ।
- ଅନ୍‌ଲାଇନ୍ ଗେମିଂ କମ୍ପାନୀଗୁଡ଼ିକ ଉପରେ ସରକାରଙ୍କଦ୍ୱାରା ପିଛିଲା ଭାବେ ଧାର୍ଯ୍ୟ କରାଯାଇଥିବା ୨୮ ପ୍ରତିଶତ ଜି.ଏସ୍.ଟି. ଆଦାୟକୁ ବୈଧ ବୋଲି ଘୋଷଣା କଲେ ସୁପ୍ରିମ୍ କୋର୍ଟ ।
- ଏସୀୟ ରିଲେଜ୍ ପ୍ରତିଯୋଗିତା-୨୦୨୭ ଓ ଏସୀୟ ଇଣ୍ଡୋର ଚାମ୍ପିୟନ୍‌ସିପ୍-୨୦୨୮ ଆୟୋଜନ କରିବ ଭାରତ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ରାଜସ୍ଥାନ ରୟାଲ୍‌ସ ବିପକ୍ଷରେ ଟସ୍ ଜିତି ବୋଲିଂ କରିବାର ନିଷ୍ପତ୍ତି ନେଲା ସନ୍‌ରାଇଜର୍ସ ହାଇଦ୍ରାବାଦ ।

## କ୍ୟାବିନେଟ୍ - ଡିଟେଲ୍‌ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ଅର୍ଥନୈତିକ ବ୍ୟାପାରେ କ୍ୟାବିନେଟ୍ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର ବୈଠକରେ ସାଧାରଣ ବଣ୍ଟନ ବ୍ୟବସ୍ଥା ଅଧିକ ସୁବ୍ୟବସ୍ଥିତ କରିବା ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ କହିଛନ୍ତି । ସେ କହିଛନ୍ତି, ଏଥିଲାଗି ସାର୍ଥକ-ପି.ଡି.ଏସ୍. ଯୋଜନାକୁ ବୃହତ୍ ଆକାରରେ କାର୍ଯ୍ୟକାରୀ କରିବା ଲାଗି ନିଷ୍ପତ୍ତି ନିଆଯାଇଛି । ଏହି ଯୋଜନା ଜାରି ରଖିବା ଲାଗି କେନ୍ଦ୍ର ସରକାର ୨୫ ହଜାର ୫୩୦ କୋଟି ଟଙ୍କା ଖର୍ଚ୍ଚ କରିବେ । ବିଶେଷକରି ଖାଦ୍ୟଶସ୍ୟଗୁଡ଼ିକର ଆନ୍ତଃରାଜ୍ୟ ଗମନାଗମନ ସମୟରେ ରାଜ୍ୟଗୁଡ଼ିକୁ ଏହି ସହାୟତା ପ୍ରଦାନ କରାଯିବ । ଏତଦ୍‌ବ୍ୟତୀତ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଆଧୁନିକୀକରଣ କରିବା ସହିତ ଦେଶବ୍ୟାପୀ ଥିବା ସୁଲଭ ଖୁଚୁରା ବିକ୍ରୟ କେନ୍ଦ୍ରଗୁଡ଼ିକ ମଧ୍ୟ ଉପକୃତ ହୋଇପାରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ସେ କହିଛନ୍ତି, ସାର୍ଥକ-ପି.ଡି.ଏସ୍. ଯୋଜନାରେ ୩ଟି ପ୍ରମୁଖ କୃତ୍ରିମ ବୁଦ୍ଧିମତ୍ତା ସକ୍ଷମ ମଡ୍ୟୁଲ୍ ରହିଛି । ସେଗୁଡ଼ିକ ହେଲାଂ - ନିର୍ମଳ, ଆଶା ଓ ସକ୍ଷମ । ନିର୍ମଳ ମାଧ୍ୟମରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ହିତାଧିକାରୀମାନେ କୃତ୍ରିମ ବୁଦ୍ଧିମତ୍ତାଭିତ୍ତିକ ରିଅଲ୍ ଟାଇମ୍ ପଞ୍ଜୀକରଣ କରିପାରିବେ ।

ହିତାଧିକାରୀମାନେ ବିଭିନ୍ନ ଭାଷାରେ କୃତ୍ରିମ ବୁଦ୍ଧିମତ୍ତାଭିତ୍ତିକ ଅଭିଯୋଗ ଆଶା ମଡ୍ୟୁଲ୍‌ରେ ଦାଖଲ କରିପାରିବେ । ସେହିଭଳି ଯୋଗାଣ ଶୃଙ୍ଖଳ ବ୍ୟବସ୍ଥାକୁ ଅଧିକ ସଶକ୍ତ କରିବା ସହିତ ଖାଦ୍ୟଶସ୍ୟ ପରିବହନ କରୁଥିବା ଯାନକୁ ଟ୍ରାକିଂ କରିବା ଦିଗରେ କୃତ୍ରିମ ବୁଦ୍ଧିମତ୍ତାଭିତ୍ତିକ ମଡ୍ୟୁଲ୍ ସକ୍ଷମ ସହାୟତା ପ୍ରଦାନ କରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ସେ କହିଛନ୍ତି, ଖାଦ୍ୟଶସ୍ୟର ଆନ୍ତଃରାଜ୍ୟ ପରିବହନ ଏବଂ ସୁଲଭ ଖୁଚୁରା ବିକ୍ରୟ କେନ୍ଦ୍ର ଡିଲରମାନଙ୍କ ଲାଭାଂଶ ଏବଂ ବର୍ତ୍ତମାନର କେନ୍ଦ୍ରୀୟ ପାଣ୍ଠି ସହାୟତା ଜାରି ରଖିବା ସମ୍ପର୍କିତ ନିୟମାବଳୀଗୁଡ଼ିକୁ ମଧ୍ୟ ସଂଶୋଧନ କରିବାକୁ ଆଜିର କ୍ୟାବିନେଟ୍ ନିଷ୍ପତ୍ତି ନେଇଛି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ୮୧ କୋଟି ୩୫ ଲକ୍ଷ ନାଗରିକଙ୍କୁ ସୁରକ୍ଷିତ ରଖିବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ପୂର୍ଣ୍ଣ କରିବା ଲାଗି ଏହି ଯୋଜନା ସହାୟକ ହେବ । ଏହି ଯୋଜନା ବର୍ତ୍ତମାନର ସାଧାରଣ ବଣ୍ଟନ ବ୍ୟବସ୍ଥା ଯୋଜନା ବଦଳରେ କାର୍ଯ୍ୟକାରୀ କରାଯାଉ ନାହିଁ ବୋଲି ଶ୍ରୀ ବୈଷ୍ଣବ ସ୍ପଷ୍ଟ କରିଛନ୍ତି ।

ସେ କହିଛନ୍ତି, ଦେଶବ୍ୟାପୀ ଅବ୍ୟାହତ ରହିଥିବା ଗ୍ରୀଷ୍ମଲହରୀକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନାଗରିକଙ୍କ ହିତ ଉଦ୍ଦେଶ୍ୟରେ ଆବଶ୍ୟକ ପଦକ୍ଷେପ ନେବା

ଲାଗି ବିଭିନ୍ନ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି । ମନ୍ତ୍ରଣାଳୟଗୁଡ଼ିକ ନିଜ ନିଜ ସକ୍ଷମ ଅନୁଯାୟୀ ଏ ଦିଗରେ କିଭଳି ଜନସାଧାରଣଙ୍କୁ ସହାୟତା ଦେଇପାରିବେ, ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଶ୍ରୀ ମୋଦି ନିର୍ଦ୍ଦେଶ ଦେଇଛନ୍ତି ।

***Voice (Baishav - Heat Wave)*** :.........

ସାର୍ଥକ ପି.ଡି.ଏସ୍. ସମ୍ପର୍କରେ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି :

***Voice (Baishav - PDS)*** :.........

ସାର୍ଥକ-ପି.ଡି.ଏସ୍.ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକାରୀ କରିବା ଲାଗି ଆଜି କେନ୍ଦ୍ର କ୍ୟାବିନେଟ୍ ୨୫ ହଜାର ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁରି କରିଥିବାରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏହାର ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, ଦାରିଦ୍ର୍ୟ ଦୂରୀକରଣ ଯୋଜନାଗୁଡ଼ିକୁ ଅଧିକ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବା ଉଦ୍ଦେଶ୍ୟରେ ସରକାର ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରୁଛନ୍ତି । ସାର୍ଥକ-ପି.ଡି.ଏସ୍. ଦ୍ୱିତୀୟ ପର୍ଯ୍ୟାୟରେ କୃତ୍ରିମ ବୁଦ୍ଧିମତ୍ତାଭିତ୍ତିକ ଜ୍ଞାନକୌଶଳ ପ୍ରୟୋଗ କରାଯିବାଦ୍ୱାରା କୃଷିକ୍ଷେତ୍ରରେ ବିଭିନ୍ନ ଯୋଜନାର ସୁଫଳ ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ସଫଳତାର ସହ ପହଞ୍ଚିପାରିବ ସେ କହିଛନ୍ତି । ଗମନା ଗମନ ଖର୍ଚ୍ଚ ଲାଗି ରାଜ୍ୟଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇଦେବା ସହିତ ସୁଲଭ ଖୁଚୁରା ବିକ୍ରୟ କେନ୍ଦ୍ରଗୁଡ଼ିକର ଲାଭାଂଶ ମଧ୍ୟ ବୃଦ୍ଧି କରିବା ବ୍ୟବସ୍ଥା ଏହି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ଶ୍ରୀ ଶାହା କହିଛନ୍ତି ।

## ପ୍ରେସିଡେଣ୍ଟ ଭିଜିଟ୍

ଦେଶର ସାମଗ୍ରିକ ବିକାଶ ଲାଗି ଉତ୍ତର-ପୂର୍ବାଞ୍ଚଳର ଉନ୍ନତି ଜରୁରୀ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି । ଆଜି ଗ୍ୟାଙ୍ଗ୍‌ଟକ୍‌ସ୍ଥିତି ସିକ୍କିମ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନା ଉତ୍ସବରେ ନିଜର ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ସେ ଏହା କହିଛନ୍ତି । ନବସୃଜନ, ଆପୋଷ ବିଶ୍ୱାସ ତଥା ନୂତନ ଚିନ୍ତାଧାରା ମାଧ୍ୟମରେ ଦେଶ ନିର୍ମାଣ ତଥା ସମାଜର ଦୁର୍ବଳ ବର୍ଗଙ୍କର ଉତ୍‌ଥାନ ଦିଗରେ କାର୍ଯ୍ୟ କରିବା ଲାଗି ରାଷ୍ଟ୍ରପତି ମୁର୍ମୁ ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି, ସଶକ୍ତୀକରଣ ହାସଲ ଲାଗି ଶିକ୍ଷା ହେଉଛି ଉପଯୁକ୍ତ ମାର୍ଗ । ସିକ୍କିମ୍‌ର ଜୈବ ବିବିଧତା ଏବଂ ସମୃଦ୍ଧ ଉଦ୍ଭିଦ ଓ ଜୀବଜଗତକୁ ପ୍ରଶଂସା କରିବା ସହିତ ୨୦୧୬ ମସିହାରେ ଏହା ପ୍ରଥମ ଜୈବିକ ରାଜ୍ୟର ମାନ୍ୟତା ପାଇଥିଲା ବୋଲି ରାଷ୍ଟ୍ରପତି କହିଛନ୍ତି ।

ଏହି ସମାରୋହ ପୂର୍ବରୁ ରାଷ୍ଟ୍ରପତି ଗ୍ୟାଙ୍ଗ୍‌ଟକ୍‌ଠାରେ ସିକ୍କିମ୍ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ପିଙ୍କ୍ ସିଟି ରନର୍ - ଆମ ଦିଦି ବାହିନୀ ବସ୍ ସେବାର ଶୁଭାରମ୍ଭ କରିଥିଲେ ।

## ଏସ୍.ସି. - ଜି.ଏସ୍.ଟି.

ଅନ୍‌ଲାଇନ୍ ଗେମିଂ କମ୍ପାନୀଗୁଡ଼ିକ ଉପରେ ସରକାରଙ୍କଦ୍ୱାରା ପିଛିଲା ଭାବେ ଧାର୍ଯ୍ୟ କରାଯାଇଥିବା ୨୮ ପ୍ରତିଶତ ଦ୍ରବ୍ୟ ଓ ସେବାକର -

ଜି.ଏସ୍.ଟି. ଆଦାୟକୁ ସର୍ବୋଚ୍ଚ ଅଦାଲତ ବୈଧ ବୋଲି ଘୋଷଣା କରିଛନ୍ତି । ବିଚାରପତି ଜଷ୍ଟିସ୍ ଜେ.ବି. ପାର୍ଡ଼ିଓ୍ୱାଲା ଏବଂ ଜଷ୍ଟିସ୍ ଆର୍. ମହାଦେବନ୍‌ଙ୍କୁ ନେଇ ଗଠିତ ବେଞ୍ଚ୍' ଅନ୍‌ଲାଇନ୍ ଗେମିଂ କମ୍ପାନୀଗୁଡ଼ିକ ଜି.ଏସ୍.ଟି. ଆଇନ ପରିସରଭୁକ୍ତ ବୋଲି ମତବ୍ୟକ୍ତ କରିଛନ୍ତି ।

ଜି.ଏସ୍.ଟି. ଆଇନକୁ ସଂଶୋଧନ କରି ସରକାର ୨୦୨୩ ମସିହା ଅକ୍ଟୋବର ପହିଲାଠାରୁ ବିଦେଶୀ ଅନ୍‌ଲାଇନ୍ ଗେମିଂ କମ୍ପାନୀଗୁଡ଼ିକୁ ଭାରତରେ ପଞ୍ଜିକୃତ କରାଇବା ଲାଗି ବାଧ୍ୟତାମୂଳକ କରିଥିଲେ । ୨୦୨୩ ଅଗଷ୍ଟ ମାସରେ ଅନ୍‌ଲାଇନ ଗେମିଂ କମ୍ପାନୀଗୁଡ଼ିକ ଉପରେ ୨୮ ପ୍ରତିଶତ ଜି.ଏସ୍.ଟି. ଲାଗୁ କରିବା ଲାଗି ଜି.ଏସ୍.ଟି. ପରିଷଦ ବୈଠକରେ ନିଷ୍ପତ୍ତି ହୋଇଥିଲା । ପରିଷଦର ଏହି ନିଷ୍ପତ୍ତି ବିରୋଧରେ ଗେମିଂ କମ୍ପାନୀଗୁଡ଼ିକ ବିଭିନ୍ନ ହାଇକୋର୍ଟରେ ଆବେଦନ କରିଥିଲେ ।

## ଏସ୍.ସି. – ସି.ବି.ଏସ୍.ଇ. ପଲିସି

ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଲାଗି ଅନ୍ତତଃ ୨ଟି ଭାରତୀୟ ଭାଷା ସମେତ ମୋଟ୍ ୩ଟି ଭାଷା ବାଧ୍ୟତାମୂଳକ କରିବା ସମ୍ପର୍କିତ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ – ସି.ବି.ଏସ୍.ଇ.ର ନୀତି ବିପକ୍ଷରେ ହୋଇଥିବା ଆବେଦନକୁ ଶୁଣାଣି କରିବା ଲାଗି ସୁପ୍ରିମ୍ କୋର୍ଟ ସମ୍ମତି ପ୍ରଦାନ କରିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ବିଚାରପତି ଜଷ୍ଟିସ୍ ଜୟମାଲ୍ୟ

ବାଗ୍‌ଚୀ ଏବଂ ବିଚାରପତି ଜଷ୍ଟିସ୍ ବିପୁଲ୍ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ପୀଠ ଏହି ମାମଲାରେ କେନ୍ଦ୍ର ସରକାର, ସି.ବି.ଏସ୍.ଇ. ଏବଂ ଏନ୍.ସି.ଇ.ଆର୍.ଟି.କୁ ନୋଟିସ୍ ଜାରି କରିବା ସହିତ ୨ ସପ୍ତାହ ମଧ୍ୟରେ ସେମାନଙ୍କୁ ଉତ୍ତର ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଜାତୀୟ ଶିକ୍ଷାନୀତି–୨୦୨୦ ଅଧୀନରେ ସି.ବି.ଏସ୍.ଇ.ର ଏହି ନୀତି ଆସନ୍ତା ଜୁଲାଇ ପହିଲାରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଲାଗି ବାଧ୍ୟତାମୂଳକ କରାଯାଇଛି ।

## ଚୌହାନ୍ - ଖରିଫ୍

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ’ ଖରିଫ୍ ଅଭିଯାନ ୨୦୨୬ ଲାଗି ଜାତୀୟ କୃଷି ସମ୍ମିଳନୀକୁ ଆସନ୍ତାକାଲି ନୂଆଦିଲ୍ଲୀରେ ଉଦ୍‌ଘାଟନ କରିବେ । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଆଗାମୀ ଖରିଫ୍ ଋତୁ ଲାଗି ଏକ ନିରନ୍ତର କୃଷି ପ୍ରକ୍ରିୟା ଜାରି ରଖିବା ସହିତ ଉତ୍ପାଦନ ବୃଦ୍ଧି,ଜଳବାୟୁ ସହନଶୀଳତା, ଭିତ୍ତିଭୂମିକୁ ସଶକ୍ତ କରିବା ଏବଂ କୃଷକଙ୍କର ସମୃଦ୍ଧି ଦିଗରେ ଏକ ମିଳିତ ରଣନୀତି ପ୍ରସ୍ତୁତ କରିବା ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଏହି ଦୁଇଦିନିଆ ସମ୍ମିଳନୀରେ କୃଷି ଓ ଏହାର ସଂଯୁକ୍ତ କ୍ଷେତ୍ର ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ କେନ୍ଦ୍ର ସରକାର, ରାଜ୍ୟ ସରକାର, କୃଷି ପ୍ରତିଷ୍ଠାନଗୁଡ଼ିକର

ପ୍ରତିନିଧିମାନଙ୍କ ସମେତ କୃଷି ବିଶେଷଜ୍ଞ ଓ ବିଭିନ୍ନ ପକ୍ଷ ଯୋଗଦେଇ ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିବେ ।

## ୟୁ.ପି.ଏସ୍.ସି.

କେନ୍ଦ୍ରୀ ଲୋକସେବା ଆୟୋଗ – ୟୁ.ପି.ଏସ୍.ସି. ପ୍ରଥମ ଥର ଲାଗି ୨୦୨୬ ସିଭିଲ୍ ସର୍ଭିସ୍ ପ୍ରିଲିମିନାରୀ ପରୀକ୍ଷାର ପ୍ରୋଭିଜନାଲ୍ ଉତ୍ତର ଚିଠା ଜାରି କରିଛି । ଏ ସମ୍ପର୍କରେ ଏକ ବିବୃତ୍ତି ଦେଇ ଆୟୋଗ କହିଛି, ଏହି ପରୀକ୍ଷା ଦେଇଥିବା ପରୀକ୍ଷାର୍ଥୀମାନଙ୍କ ଯଦି ଏହି ପ୍ରୋଭିଜନାଲ୍ ଉତ୍ତର ଚିଠା ସମ୍ପର୍କରେ କୌଣସି ଆପତ୍ତି ଥାଏ, ତେବେ ଏ ସମ୍ପର୍କରେ ୩ଟି ପ୍ରାମାଣିକ ତଥ୍ୟ ସହିତ upsconline.nic.in ପୋର୍ଟାଲ୍‌ରେ ଆଗାମୀ ୩୧ ତାରିଖ ସନ୍ଧ୍ୟା ୬ଟା ମଧ୍ୟରେ ଆବେଦନ କରିପାରିବେ । ଗତ ୨୪ ତାରିଖ ଦିନ ଅନୁଷ୍ଠିତ ଏହି ପ୍ରିଲିମିନାରୀ ପରୀକ୍ଷାରେ ପ୍ରାୟ ୫ ଲକ୍ଷ ୪୯ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ।

## ଏସିଆନ୍ ରିଲେଜ୍ ହୋଷ୍ଟିଙ୍ଗ ରାଇଟ୍‌ସ୍

ଭାରତ' ଆଗାମୀ ବର୍ଷ ଏସୀୟ ରିଲେଜ୍ ପ୍ରତିଯୋଗିତା ଏବଂ ୨୦୨୮ ଏସୀୟ ଇଣ୍ଡୋର୍ ଆଥ୍‌ଲେଟିକ୍ସ ଚାମ୍ପିୟନ୍‌ସିପ୍ ଆୟୋଜନ କରିବ ।

ଆଜି ହଙ୍ଗ୍‌କଙ୍ଗ୍‌ଠାରେ ଅନୁଷ୍ଠିତ ଏସୀୟ ଆଥଲେଟିକ୍ ସଂଘର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଆଗାମୀ ବର୍ଷ ଚଣ୍ଡୀଗଡ଼ଠାରେ ଏସୀୟ ରିଲେଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଥିବାବେଳେ ୨୦୨୮ ଏସୀୟ ଇଣ୍ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନସିପ୍ ଭୁବନେଶ୍ୱରଠାରେ ଆୟୋଜିତ ହେବ ।

## ଆଇ.ପି.ଏଲ୍.

ଆଇପିଏଲ୍ କ୍ରିକେଟ୍‌ର ଚଳିତ ସଂସ୍କରଣରେ ଆଜି ଏଲିମେନେଟର ପର୍ଯ୍ୟାୟ ମ୍ୟାଚ୍‌ରେ ଆଉ କିଛି ସମୟ ପରେ  ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍‌ସ ପରସ୍ପରକୁ ଭେଟିବେ । ନିୟୁ ଚଣ୍ଡୀଗଡ ମୋହାଲିଠାରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ । ସନ୍‌ରାଇଜର୍ସ ହାଇଦ୍ରାବାଦ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ମ୍ୟାଚ୍‌ର ବିଜୟୀ ଦଳ କ୍ୱାଲିଫାୟାର୍-ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହେବାକୁ ଥିବା ବେଳେ ପରାଜିତ ଦଳ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବ । ଅନ୍ୟ ପକ୍ଷରେ ଗତକାଲି କ୍ୱାଲିଫାୟାର- ପ୍ରଥମ ପର୍ଯ୍ୟାୟରୁ ପରାଜିତ ହୋଇଥିବା ଗୁଜରାଟ ଟାଇଟନ୍‌ସ  ପାଇଁ କ୍ୱାଲିଫାୟାର୍-୨ରେ ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେବା ପାଇଁ ଆଉ ଏକ ସୁଯୋଗ  ରହିଛି ।

ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ରଥମ ଦଳ ଭାବେ  ଫାଇନାଲ୍‌ରେ ପ୍ରବେଶ କରିଛି ।

## ବ୍ୟାଡ୍‌ମିଣ୍ଟନ୍

ସିଙ୍ଗାପୁର ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ପୁରୁଷ ବର୍ଗରେ ଭାରତର ଏଚ୍.ଏସ୍. ପ୍ରଣୟ ବିଜୟୀ ହୋଇଛନ୍ତି । ସେ ଇଣ୍ଡୋନେସିଆ ଜୋନାଟାନ୍ ଖ୍ରୀଷ୍ଟେଙ୍କୁ ୧୦-୨୧, ୨୧-୧୨, ୨୧-୧୮ ସେଟ୍‌ରେ ପରାସ୍ତ କରିଛନ୍ତି । ଅନ୍ୟ ଏକ ମ୍ୟାଚ୍‌ର ଭାରତର କିଦାମ୍ବୀ ଶ୍ରୀକାନ୍ତ ସିଙ୍ଗାପୁରର ଲୋ କିନ୍ ୟୁ'ଙ୍କ ସହିତ ମୁକାବିଲା ଜାରି ରହିଥିବା ସୂଚନା ମିଳିଛି । ସେହିଭଳି ଆଜି ଭାରତର ଲକ୍ଷ୍ୟ ସେନ୍ ମଧ୍ୟ ଆଉ ଏକ ମ୍ୟାଚ୍‌ରେ ଚୀନ୍‌ର ଲୁ ଗୁଆଙ୍ଗ୍‌ଜୁଙ୍କୁ ଭେଟିବେ ।

ମିକ୍ସଡ୍ ଡବଲ୍‌ସ ବର୍ଗରେ ଭାରତର ଧ୍ରୁବ କପିଳା ଓ ତାନିଶା କ୍ରାଷ୍ଟୋଙ୍କ ଯୋଡ଼ି ମ୍ୟାଲେସିଆର ଓ୍ୱଙ୍ଗ୍ ତିଏନ୍ ସି ଓ ଲିମ୍ ଚିଉ ସିଏନ୍ ଯୋଡ଼ିକୁ ପ୍ରଥମ ରାଉଣ୍ଡରେ ୨୧-୧୪, ୨୦-୨୨, ୨୧-୧୩ ସେଟ୍‌ରେ ପରାସ୍ତ କରିଛନ୍ତି ।

*****